# ବ୍ଲକ ସ୍ତରୀୟ ପରାମର୍ଶ ଶିବିର - ୨୦୨୪-୨୫, ଅନୁଗୋଳ

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, ଅନୁଗୋଳ ଙ୍କ ମିଳିତ ଉଦ୍ୟମରେ ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ମାନଙ୍କରେ ପରାମର୍ଶ ଶିବିର ଆୟୋଜନ କରାଯାଉଅଛି । ଉକ୍ତ ଶିବିରରେ ଜିଲ୍ଲାର ପଞ୍ଚମ ପାସ୍ ଠାରୁ ଉର୍ଦ୍ଧ୍ୱ ଏବଂ ସ୍କୁଲ ଓ କଲେଜ ପାଠ୍ୟକ୍ରମ ମଝିରେ ଛାଡ଼ିଥିବା ଯୁବକ ଯୁବତୀମାନଙ୍କର (୧୮ ରୁ ୩୫ ବର୍ଷ ମଧ୍ୟରେ) ଦକ୍ଷତା ବୃଦ୍ଧି ସହିତ ସେମାନଙ୍କୁ କେତେକ ଅଗ୍ରଣୀ ବେସରକାରୀ ସଂସ୍ଥାମାନଙ୍କ ସହଭାଗିତାରେ ଚାହିଦା ଥିବା ବିଭାଗ ଗୁଡ଼ିକରେ ନିଯୁକ୍ତିଭିତ୍ତିକ ସ୍ୱଳ୍ପ ଅବଧି ତାଲିମ ପାଇଁ ବ୍ଲକସ୍ତରୀୟ ପରାମର୍ଶ ଶିବିର ତା ୨୭.୦୧.୨୦୨୫ ରିଖ ଠାରୁ ତା ୦୪.୦୨.୨୦୨୫ ରିଖ ପର୍ଯ୍ୟନ୍ତ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ବ୍ଲକ୍ ଗୁଡ଼ିକରେ ଅନୁଷ୍ଠିତ ହେବ । ତାଲିମ ସମାପ୍ତ କଲାପରେ ପ୍ରଶିକ୍ଷଣ ପ୍ରାପ୍ତ ପ୍ରାର୍ଥୀ, ପ୍ରାର୍ଥୀନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଇଚ୍ଛା ମୁତାବକ ବିଭାଗରେ ତାଲିମ୍ ନେଇପାରିବେ । ପ୍ରଶିକ୍ଷଣ ସମୟରେ ପ୍ରଶିକ୍ଷଣ, ରହିବା ଏବଂ ଖାଦ୍ୟପେୟ ବାବଦକୁ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ଯେଉଁ ପ୍ରାର୍ଥୀ ପ୍ରାର୍ଥୀନୀ ସରକାରୀ ପଲିଟେକ୍‌ନିକ୍, ସରକାରୀ ଶିଳ୍ପ ତାଲିମ୍ ପ୍ରତିଷ୍ଠାନ ଓ ବିଶ୍ୱଦକ୍ଷତା ବିକାଶ କେନ୍ଦ୍ର, ଭୁବନେଶ୍ୱର ଠାରେ ଉପଲବ୍ଧ ଥିବା ବିଭିନ୍ନ ପାଠ୍ୟକ୍ରମରେ ଆଡ୍‌ମିଶନ ପାଇଁ ଇଚ୍ଛୁକ ଥିବେ ସେମାନେ ମଧ୍ୟ ସେଥିପାଇଁ ସୁଯୋଗ ନେଇ ପାରିବେ ।

ଏତଦ୍ ବ୍ୟତୀତ ଯେଉଁ ଯୁବକ ଯୁବତୀମାନେ ଶିଳ୍ପ ସଂସ୍ଥା ମାନଙ୍କରେ Apprenticeship ପାଇଁ ଇଚ୍ଛୁକ ସେମାନେ ମଧ୍ୟ ପରାମର୍ଶ ନେଇପାରିବେ ।

ଅନୁଗୋଳ ଜିଲ୍ଲାର ସମସ୍ତ ପ୍ରାର୍ଥୀ/ପ୍ରାର୍ଥୀନୀ ମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ଏହାର ସୁଯୋଗ ନେବା ପାଇଁ ଏହି ଶିବିରରେ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଆଧାର ଓ ଫଟୋ (ପାସ୍‌ପୋର୍ଟ ସାଇଜ୍) ସହିତ ଯୋଗଦାନ କରନ୍ତୁ ।

## ପରାମର୍ଶ ଶିବିର ସମ୍ବନ୍ଧୀୟ ସୂଚନା

| କ୍ରମାଙ୍କ | ତାରିଖ | ବ୍ଲକର ନାମ | ସ୍ଥାନ | ସମୟ |
|---|---|---|---|---|
| ୧ | ୨୭.୦୧.୨୦୨୫ | ଅନୁଗୋଳ | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ସକାଳ ୧୦.୦୦ ଘ. ରୁ ଦିବା ୦୨.୦୦ ଘ. |
| ୨ | ୨୮.୦୧.୨୦୨୫ | ଆଠମଲ୍ଲିକ | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ସକାଳ ୧୦.୦୦ ଘ. ରୁ ଦିବା ୦୨.୦୦ ଘ. |
| ୩ | ୨୯.୦୧.୨୦୨୫ | ବଅଁରପାଳ | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ସକାଳ ୧୦.୦୦ ଘ. ରୁ ଦିବା ୦୨.୦୦ ଘ. |
| ୪ | ୩୦.୦୧.୨୦୨୫ | ପାଲଲହଡ଼ା | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ସକାଳ ୧୦.୦୦ ଘ. ରୁ ଦିବା ୦୨.୦୦ ଘ. |
| ୫ | ୩୧.୦୧.୨୦୨୫ | କଣିହାଁ | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ସକାଳ ୧୦.୦୦ ଘ. ରୁ ଦିବା ୦୨.୦୦ ଘ. |
| ୬ | ୦୧.୦୨.୨୦୨୫ | କିଶୋରନଗର | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ସକାଳ ୧୦.୦୦ ଘ. ରୁ ଦିବା ୦୨.୦୦ ଘ. |
| ୭ | ୦୩.୦୨.୨୦୨୫ | ଛେଣ୍ଡିପଦା | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ସକାଳ ୧୦.୦୦ ଘ. ରୁ ଦିବା ୦୨.୦୦ ଘ. |
| ୮ | ୦୪.୦୨.୨୦୨୫ | ତାଲଚେର | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ସକାଳ ୧୦.୦୦ ଘ. ରୁ ଦିବା ୦୨.୦୦ ଘ. |

ଜିଲ୍ଲା ଦକ୍ଷତା ଓ ବିକାଶ ତଥା ନିୟୋଜନ ଅଧିକାରୀ, ଅନୁଗୋଳ
ଯୋଗାଯୋଗ : ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ,
ମୋ.-୮୨୪୯୭୮୪୮୩୭/୭୦୨୪୫୪୩୩୯୮

ଜିଲ୍ଲାପାଳ, ଅନୁଗୋଳ